# NATIONAL NEWS BULLETIN (ODIA)

**16 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶର ଶ୍ରୀଶୈଳମସ୍ଥିତ ଶ୍ରୀଭ୍ରମରାମ୍ବ ମଲ୍ଲିକାର୍ଜୁନ ସ୍ୱାମୀ ଭାର୍ଲା ଦେବସ୍ଥାନମରେ ପୂଜାର୍ଚ୍ଚନା କଲେ ପ୍ରଧାନମନ୍ତ୍ରୀ ।

- କୁର୍ଣ୍ଣୁଲଠାରେ ଆଜି ଅପରାହ୍ଣରେ କରିବେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଦୁର୍ନୀତି, ଅପରାଧ ଓ ଆତଙ୍କବାଦ ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛନ୍ତି ବୋଲି କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ବିହାର ବିଧାନସଭା ନିର୍ବାଚନ ପାଇଁ ୪୪ଜଣିଆ ଦ୍ୱିତୀୟ ପ୍ରାର୍ଥୀତାଲିକା ପ୍ରକାଶ କଲା ଜେଡିୟୁ ।

- ତିନିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀଠାରେ ପହଞ୍ଚିଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ।

ଏବଂ

- ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ ପ୍ରତିଯୋଗିତାରେ ଆଜି ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା ।

---

## ପିଏମ୍-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲଠାରେ ଆଜି ଅପରାହ୍ଣରେ ପ୍ରାୟ ୧୩ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ

ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଶ୍ରୀ ମୋଦୀ ଆଜି ସକାଳେ ଆନ୍ଧ୍ରପ୍ରଦେଶରେ ପହଞ୍ଚିଛନ୍ତି । ମୁଖ୍ୟମନ୍ତ୍ରୀ ଏମ୍. ଚନ୍ଦ୍ରବାବୁ ନାଇଡୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସମୟରେ ରାଜ୍ୟପାଳ ଏସ୍. ଅବଦୁଲ ନଜୀର ଏବଂ ରାଷ୍ଟ୍ରମନ୍ତ୍ରୀ ନରଲ ଲୋକେଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଶିଳ୍ପ, ବିଦ୍ୟୁତ୍ ପରିବହନ, ସଡ଼କ, ରେଳ, ପ୍ରତିରକ୍ଷା ଉତ୍ପାଦନ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ପ୍ରମୁଖ ରହିଛି । ଶ୍ରୀ ମୋଦୀ ମଧ୍ୟ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ଅବସରରେ ଶ୍ରୀ ମୋଦୀ ନନ୍ଦ୍ୟାଲ୍ ଜିଲ୍ଲାର ଶ୍ରୀଶୈଳମସ୍ଥିତ ଶ୍ରୀ ଭ୍ରମରାମ୍ବ ମଲ୍ଲିକାର୍ଜୁନ ସ୍ୱାମୀ ଭାରଲା ଦେବସ୍ଥାନ୍ମରେ ପୂଜାର୍ଚ୍ଚନା କରିଛନ୍ତି । ସେଠାରେ ଶ୍ରୀ ଶିବାଜୀ ସ୍ଫୂର୍ତ୍ତି କେନ୍ଦ୍ର ମଧ୍ୟ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଛନ୍ତି ।

## ଶାହା-ଏକ୍ସଟ୍ରାଡିସନ କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଦୁର୍ନୀତି, ଅପରାଧ ଏବଂ ଆତଙ୍କବାଦ ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀରେ ଆଜି ପଳାତକଙ୍କର ପ୍ରତ୍ୟର୍ପଣ ସମ୍ପର୍କିତ ଆହ୍ୱାନ ଏବଂ ରଣନୀତି ଉପରେ ଆୟୋଜିତ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା  ଏହା କହିଛନ୍ତି । ସମସ୍ତ ଅପରାଧକୁ ଆଇନ୍ ପରିସରଭୁକ୍ତ କରିବା ପାଇଁ ଏକ ଦୃଢ଼ ଢାଞ୍ଚା ବିକଶିତ କରାଯାଉଛି ବୋଲି

ସେ କହିଛନ୍ତି । ପ୍ରତ୍ୟେକ ପଳାତକଙ୍କ ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ଏବଂ ସେମାନଙ୍କୁ ଦେଶର ନାୟିକ ବ୍ୟବସ୍ଥା ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

**V/O (AMIT-SHAH-ZERO-TOLLERENCE)**

ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସୀମା ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଇନ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି । ୨୦୧୮ ମସିହାରେ ସରକାର ପଳାତକ ଅର୍ଥନୈତିକ ଅପରାଧି ଆଇନ୍ ପ୍ରଣୟନ କରିଥିଲେ, ଯାହା ଦେଶରେ ଅବସ୍ଥିତ ପଳାତକଙ୍କ ସମ୍ପତ୍ତି ଜବତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିଛି । ଏହି ଆଇନ୍ ପ୍ରଣୟନ ହେବାର ମାତ୍ର ୪ ବର୍ଷ ମଧ୍ୟରେ ୨ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ଅର୍ଥ ଜବତ କରାଯାଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (AMIT-SHAH-ON-CONF)**

କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ – ସି.ବି.ଆଇ. ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଦେଶର ବିଭିନ୍ନ କେନ୍ଦ୍ରୀୟ ତଥା ରାଜ୍ୟ ପୁଲିସ୍ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପଳାତକଙ୍କୁ ଚିହ୍ନଟ ଏବଂ ସେମାନଙ୍କର ପ୍ରତ୍ୟର୍ପଣ ନେଇ ରଣନୀତି ଉପରେ ବିସ୍ତୃତ ଆଲୋଚନା ହେବ ।

## ବିହାର ଇଲେକ୍ସନ ଜେଡିୟୁ ଲିଷ୍ଟ

ବିହାର ବିଧାନସଭା ନିର୍ବାଚନ ପାଇଁ ଜେଡିୟୁ ଆଜି ଦଳର ୪୪ଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ କରିଛି । ନୀତିଶ କୁମାର ସରକାରଙ୍କ କ୍ୟାବିନେଟ୍ ସଦସ୍ୟ ଲେସି ସିଂହ, ଜୟନ୍ତ ରାଜ୍, ସୁମିତ୍ କୁକାର ସିଂହ ଏବଂ ଶିଳା ମଣ୍ଡଳଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି । ପୂର୍ବତନ ସାସଂଦ ଦୁଲାଲ ଚନ୍ଦ୍ର ଗୋସ୍ୱାମୀ, ମହାବଳୀ ସିଂହ ଏବଂ ବୁଲୋ ମଣ୍ଡଳ ମଧ୍ୟ ଏଥବର ବିଧାନସଭା ନିର୍ବାଚନ ଲଢ଼ିବେ । ବିହାର ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ସଦାନନ୍ଦ ସିଂହଙ୍କ ପୁଅ ଶୁଭାନନ୍ଦ ମୁକେଶଙ୍କୁ ଦଳପକ୍ଷରୁ କହଲଗାଓ ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଛି ।

## ଶ୍ରୀଲଙ୍କା ପିଏମ୍-ଇଣ୍ଡିଆ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିଣି ଅମରସୁରିଆ ୩ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଭାରତକୁ ପ୍ରଧାନମନ୍ତ୍ରୀଭାବେ ଅମରସୁରିଆଙ୍କର ଏହା ପ୍ରଥମ ଗସ୍ତ । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ କରିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଜୟସ୍ୱାଲ ଭାରତର ନେତୃମଣ୍ଡଳୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ନୂଆଦିଲ୍ଲୀ ଆଇଆଇଟି ଏବଂ ହିନ୍ଦୁ କଲେ ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି ଶିକ୍ଷା ଏବଂ ଦକ୍ଷତା ବିକାଶ ସହ ବିଭିନ୍ନ କ୍ଷେତ୍ରରେ ଶ୍ରୀଲଙ୍କାକୁ ଭାରତର ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି ।

## ଜୟପୁର-ରେଲୱେ ଷ୍ଟେସନ

ଯାତ୍ରୀ ସୁବିଧାକୁ ଦୃଷ୍ଟିରେ ରଖି ରେଳବାଇ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଜୟପୁରର ଖାତିପୁରା ରେଳଷ୍ଟେସନଠାରେ ଆଜି ବିଭିନ୍ନ ଯାତ୍ରୀ ସୁବିଧା ବ୍ୟବସ୍ଥାର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଏହି ଅବସରରେ ଶୀତତାପ ନିୟନ୍ତ୍ରିତ କୋଚ୍‌ର ଯାତ୍ରୀଙ୍କ ପାଇଁ ମୁଦ୍ରିତ କମ୍ବଳ କଭର ଲଞ୍ଚ କରିଛନ୍ତି । ସେ କହିଛନ୍ତି ରେଳବାଇ ଦ୍ୱାରା ଏଭଳି ନୂତନ ପଦକ୍ଷେପ ଆରମ୍ଭ କରାଯାଇଛି । କମ୍ବଳର ପରିଷ୍କାର ଓ ପରିଚ୍ଛନ୍ନତାକୁ ଅଧିକ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପାଇଲଟ ପ୍ରକଳ୍ପ ଭିତ୍ତିରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥା ପର୍ଯ୍ୟାୟକ୍ରମେ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

**V/O (Ashwini Baishnab)**

## ଶାହା ରାଇଜିଂ ଡେ–ଏନ୍‌ଏସ୍‌ଜି

ଜାତୀୟ ସୁରକ୍ଷା ଗାର୍ଡ ପ୍ରତିଷ୍ଠା ଦିବସ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏନ୍‌ଏସ୍‌ଜି ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଏନ୍‌ଏସ୍‌ଜି ସୁରକ୍ଷାକର୍ମୀଙ୍କ ସାହସ ଏବଂ ବଳିଦାନ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଉତ୍କର୍ଷ ମାନଦଣ୍ଡ ସ୍ଥାପନ କରିଛି । ଏହି ଅବସରରେ ଶ୍ରୀ ଶାହା ଦେଶ ସୁରକ୍ଷା ପ୍ରତିବଦ୍ଧତା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦଙ୍କୁ ସ୍ମରଣ କରିଛନ୍ତି ।

## ଟ୍ରମ୍ପ–ଇଣ୍ଡିଆ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜଣେ ମହାନ୍ ବ୍ୟକ୍ତି ବୋଲି ଅଭିହିତ କରିଛନ୍ତି । ଭାରତକୁ ଏକ ଅବିଶ୍ୱସନୀୟ ଦେଶ ଭାବରେ ବର୍ଣ୍ଣନା କରିବା ସହ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଭାରତ ସହିତ ଆମେରିକାର ସୁଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି । ହ୍ୱାଇଟ୍ ହାଉସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ ମାଲେସିୟାରେ ହେବାକୁ ଥିବା ଆଗାମୀ ଏସିଆନ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଭାରତର ପ୍ରତିନିଧିମଣ୍ଡଳୀ' ଆମେରିକୀୟ କର୍ତ୍ତୃପକ୍ଷଙ୍କ ସହ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ୱାଶିଂଟନଠାରେ ପହଞ୍ଚିଛନ୍ତି ।

## ୱାର୍ଲ୍ଡ ସ୍ପାଇନ୍ ଡେ

ମେରୁଦଣ୍ଡ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ମେରୁଦଣ୍ଡ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ସୁସ୍ଥ ଭବିଷ୍ୟତ ପାଇଁ ମେରୁଦଣ୍ଡକୁ ସୁରକ୍ଷିତ ରଖନ୍ତୁ । ମେରୁଦଣ୍ଡ ସଂକ୍ରାନ୍ତ ରୋଗ ଏବଂ ଅକ୍ଷମତାକୁ ପ୍ରତିହତ କରିବା ପାଇଁ ଏହି ପ୍ରସଙ୍ଗ ଆଲୋକପାତ କରୁଛି । ଆମ ଦୈନନ୍ଦିନ ଜୀବନଶୈଳୀରେ ମେରୁଦଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଶାରିରୀକ ଅକ୍ଷମତାର ଏକ ପ୍ରମୁଖ କାରଣ ହେଉଛି ମେରୁଦଣ୍ଡ ଯନ୍ତ୍ରଣା । ବୟସ ଏବଂ ପାରିବାରିକ ପୃଷ୍ଠଭୂମି ଦ୍ୱାରା ମେରୁଦଣ୍ଡ ଯନ୍ତ୍ରଣାରେ ଲୋକ ପ୍ରଭାବିତ ହୁଅନ୍ତି । ୨୦୨୦ ମସିହାରେ ୬୧୯ ନିୟୁତ ଲୋକ ନିମ୍ନ ପିଠି ଯନ୍ତ୍ରଣା (ଏଲ୍‌ବିପି)ରେ ପୀଡିତ ହୋଇଥିବା ଏକ ଆକଳନରୁ ଜଣାପଡିଥିଲା । ତେବେ ଆସନ୍ତା ୨୦୫୦ସୁଦ୍ଧା ଏହି ସଂଖ୍ୟା ୮୪୩ ନିୟୁତକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ସଚେତନତା

ଏବଂ ସୁସ୍ଥ ଅଭ୍ୟାସ ମାଧ୍ୟମରେ ଏହି ସମସ୍ୟାକୁ ପ୍ରତିହତ କରାଯାଇପାରିବ ।

## ଆଇ.ସି.ସି. ୱିମେନ୍ ୱାର୍ଲ୍ଡ କପ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଆଜି ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ବିଶାଖାପଟନମ୍‌ର ଏ.ସି.ଏ.-ଭି.ଡି.ସି.ଏ. କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ ।

ଗତକାଲି ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏଥିଯୋଗୁଁ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ଦିଆଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିବା ପାକିସ୍ତାନ ଦଳକୁ ଏହାଦ୍ୱାରା ଶକ୍ତ ଧକ୍କା ଲାଗିଛି ।